PR No ୩୨୪
୨୫.୧୦.୨୪

# ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୨୧(୧)

## ନୋଟିସ

(See rule ୨୧(I) of RFCTLAR & R Act, 2013)

ଯେଉଁ ଜମି ନେବାକୁ ହେବ, ତାହି ନିମିତ୍ତ ୨୦୧୩ ସାଲର ୧ ପ୍ରକରଣମାନଙ୍କର ଅନୁସାରେ ଯେଉଁ ସାଧାରଣ ନୋଟିସ ପ୍ରକାଶିତ ହେବ, ତହିଁର ପାଠ ।

ଏତଦ୍ୱାରା ଏହି ସମ୍ବାଦ ଦିଆଯାଉଅଛି ଯେ ସନ ୨୦୨୪ ସାଲ ଅଗଷ୍ଟ, ମାସ ୦୬ . ତାରିଖର ଗଭର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶିତ ୧୪୯୬ ନମ୍ବର ଘୋଷଣାପତ୍ର କ୍ରମେ ୨୦୧୩ ସାଲର ୧ ଆଇନ ଅନୁସାରେ ଯାଜପୁର ଜିଲ୍ଲାରେ **କିଲ୍ଲାଘାଟ ଠାରୁ ବେହେରାପାଟଣା ପର୍ଯ୍ୟନ୍ତ ରାସ୍ତାକୁ ଚାରିଥାକ ବିଶିଷ୍ଟ ରାସ୍ତା ପ୍ରଶସ୍ତିକରଣ** ପ୍ରକଳ୍ପ ନିମିତ୍ତ **ପଣସା** ଗ୍ରାମରେ ବା ତନ୍ନିକଟରେ ସ୍ଥିତ ନ୍ୟୁନାଧିକ ୦.୫୩୫ ଏକର ପରିମିତ ଯେଉଁ ଜମି ୨୦ ଧାରା ମୁତାବକ ଯହିଁରେ ହାଲ ଚିହ୍ନ ଦିଆଯାଇ ମାପ କରାଯାଇଅଛି, ସେହି ଜମି ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତୃତ୍ୱକୁ ନିଆଯିବାର ସମ୍ଭାବନା ଅଛି। ସେହି ଜମିରେ ଯେଉଁ ସମସ୍ତ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି, ସେମାନଙ୍କ ପ୍ରତି ଏତଦ୍ୱାରା ଏହି ଆଦେଶ ଦେଉଅଛୁ ଯେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା ୩୯ ସ୍ଥାନସ୍ଥିତ ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁରଙ୍କ କଚେରୀରେ ତା. ୩୦.୧୧.୨୦୨୪ ରିଖ ସମୟ ପୂର୍ବାହ୍ନ ୧୧:୦୦ ଘଟିକା ସମୟରେ ସେମାନେ ସ୍ୱୟଂ କିମ୍ବା ସେମାନଙ୍କର ଏଜେଣ୍ଟଙ୍କ ଦ୍ୱାରା ଉପସ୍ଥିତ ହୋଇ ସେହି ଜମିରେ ଆପଣା ଆପଣାର ସ୍ୱାର୍ଥର ପ୍ରକୃତି ଓ ସେହି ସ୍ୱାର୍ଥ ନିମିତ୍ତ ସେମାନେ କ୍ଷତିପୂରଣର ଯେତେ ଟଙ୍କା ଦାବୀ କରନ୍ତି ତାହା ଓ ସେହି ଦାବୀର ବିଶେଷ ବିବରଣୀ ଏବଂ ୨୦ ଧାରା ଅନୁସାରେ କୃତ ମାପ ସମ୍ବନ୍ଧରେ ସେମାନଙ୍କର କୌଣସି ଆପତ୍ତି ଥିଲେ ତାହା ଜଣାଇବେ ।

ଜିଲ୍ଲାପାଳ

Land Acquisition Officer(Civil)
Collectorate, Jajpur

| ଭୂମି ଅନୁସୂଚୀ | | | | | | |
|---|---|---|---|---|---|---|
| ପ୍ରକଳ୍ପ-କିଲ୍ଲାଘାଟ ଠାରୁ ବେହେରାପାଟଣା ପର୍ଯ୍ୟନ୍ତ ରାସ୍ତାକୁ ଚାରି ଥାକ ବିଶିଷ୍ଟ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ | | | | | | |
| ମୌଜା-ପଣସା, ଥାନା ନଂ-୩୪, ଥାନା/ତହସିଲ/ଜିଲ୍ଲା-ଯାଜପୁର | | | | | | |
| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮୩୦/୨୭୭ | ୧୮୬୫ | ୦.୦୩୦ | ୦.୦୩୦ | ଶାରଦ ଅଣଜଳସେଚିତ-୨ | କମଳ ଲୋଚନ ଉପାଧ୍ୟାୟ, ପଦ୍ମଲୋଚନ ଉପାଧ୍ୟାୟ ପି: କୃଷ୍ଣଚନ୍ଦ୍ର ଉପାଧ୍ୟାୟ ଜା: ବ୍ରାହ୍ମଣ ବା: ନିଜଗାଁ |
| ୨ | ୮୩୦/୧୫୦ | ୧୮୬୪ | ୦.୩୨୦ | ୦.୨୪୦ | ଶାରଦ ଅଣଜଳସେଚିତ-୨ | କମଳ ଲୋଚନ ଉପାଧ୍ୟାୟ, ପଦ୍ମଲୋଚନ ଉପାଧ୍ୟାୟ ପି: କୃଷ୍ଣଚନ୍ଦ୍ର ଉପାଧ୍ୟାୟ ଜା: ବ୍ରାହ୍ମଣ ବା: ନିଜଗାଁ |
| ୩ | ୭୪୯ | ୧୮୫୬/୩୩୧୫ | ୦.୨୩୦ | ୦.୦୩୦ | ଶାରଦ ଅଣଜଳସେଚିତ-୨ | ଶଶିମଣି ଦାସ ସ୍ୱା: ବୈକୁଣ୍ଠନାଥ ଦାସ ଜା: କାୟସ୍ଥ ବା: ନିଜଗାଁ, ଗଦାଧର ମହାଳିକ ପି: ଶିରେଇ ମହାଳିକ ଜା: କୈବର୍ତ୍ତ ବା: ବିନ୍ଧାଣ, ଜଗବନ୍ଧୁ କର, ଦିନବନ୍ଧୁ କର ପି: ମହନୀ କର ଜା: ବ୍ରାହ୍ମଣ ବା: ନିଜଗାଁ |
| ୪ | ୩୩ | ୧୮୫୯ | ୦.୩୫୦ | ୦.୦୧୫ | ଶାରଦ ଅଣଜଳସେଚିତ-୨ | ଆନନ୍ଦ ପଲେଇ ପି:ଗୋଲକ ପଲେଇ ଜା: ଗୋପାଳ ବା: ନିଜଗାଁ |
| ୫ | ୩୧୨ | ୪୦୯ | ୦.୨୨୦ | ୦.୨୨୦ | ଜଳାଶୟ-୨ | ନାରାୟଣ ପାଣିଗ୍ରାହୀ,ଦାମୋଦର ପାଣିଗ୍ରାହୀ ପି-ବନମାଳୀ ପାଣିଗ୍ରାହୀ, ସୁବନ ପାଣିଗ୍ରାହୀ ସ୍ୱା-ମୂରଲୀ ପାଣିଗ୍ରାହୀ ଜା-ବ୍ରାହ୍ମଣ ବା-ନିଜଗାଁ |
| | | ଅଧିଗ୍ରହଣ ମୋଟ ରକବା | | ୦.୫୩୫ | | |

ଭୂ-ଅର୍ଜନ ଅଧିକାରୀ (ସିଭିଲ)
ଯାଜପୁର